SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଅପ୍ରେଲ-୨୦୨୩ APRIL-2023

## ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁଙ୍କ ରଥ ଅନୁକୂଳ ଓ ଚନ୍ଦନ ଯାତ୍ରାରମ୍ଭ

**ଅକ୍ଷୟ ତୃତୀୟା ଓ ଏହାର ମାହାତ୍ମ୍ୟ :** ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟା ତିଥି ଅକ୍ଷୟ ତୃତୀୟା ଭାବରେ ସମଗ୍ର ଭାରତ ବର୍ଷରେ ଏକ ପବିତ୍ର ଦିବସ ଭାବେ ପରିଚିତ । ଏହି ଦିନ ହିଁ ସତ୍ୟ ଯୁଗର ପ୍ରାରମ୍ଭର ଦିନ । ଏହି ତିଥିରେ ଯାହା ଦାନ କରାଯାଏ, ତାହା ଅକ୍ଷୟ ହୁଏ ବୋଲି 'ପଣ୍ଡିତ ସର୍ବସ୍ୱ' ଗ୍ରନ୍ଥରେ ଉଲ୍ଲେଖ ରହିଛି । ବ୍ରହ୍ମ ପୁରାଣ, ଗଦାଧର ପଦ୍ଧତି ଆଦି ଶାସ୍ତ୍ରମାନଙ୍କରେ ଏହି ଦିନଟିର ଭୂୟସୀ ପ୍ରଶଂସା କରାଯାଇଅଛି । ଏହି ଦିନ ସ୍ନାନ, ଦାନ, ଜପ, ତପ, ଶୁଦ୍ଧ ଧ୍ୟାନ ଓ ଯଜ୍ଞ ଆଦି କଲେ ଅନନ୍ତ ବା ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ । ଓଡ଼ିଆ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଅନୁସାରେ ଯେଉଁ ତୃତୀୟାରେ ଅନୁଷ୍ଠିତ ଧର୍ମର ଫଳ ଅସରନ୍ତି ଅଟେ, ତାହା ହିଁ 'ଅକ୍ଷୟ ତୃତୀୟା' ଅଟେ । ବ୍ରହ୍ମ ପୁରାଣ ଅନୁସାରେ 'ଦାରୁ ବୃକ୍ଷ ଛେଦନ' ଏହି ଦିନ ହିଁ ହୋଇଥିଲା । ଏହି ପବିତ୍ର ଦିବସଟି ଓଡ଼ିଶାର ଘରେ ଘରେ ପରିଚିତ । କାରଣ ଏହାର ଏକ ସାମାଜିକ ବୈଶିଷ୍ଟ୍ୟ ମଧ୍ୟ ରହିଛି । ଅକ୍ଷୟ ଫଳଦାୟକ ଏହି ଦିନଟିରେ ସମସ୍ତ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଶ୍ରୀମନ୍ଦିରରେ ଏହି (ଅକ୍ଷୟ ତୃତୀୟା) ଦିନଟିର ଅତ୍ୟନ୍ତ ମହତ୍ୱ ରହିଅଛି । 'ଯଥା ଦେହେ ତଥା ଦେବେ' ଭାବନାରେ ଶ୍ରୀବିଗ୍ରହମାନଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଯେଉଁ ଶୀତଳ ଉପଚାର କରାଯାଏ, ତାହା ଆରମ୍ଭ ହୋଇଥାଏ ଏହି ଅକ୍ଷୟ ତୃତୀୟା ଠାରୁ । ଚନ୍ଦନ ଲାଗି, ଆଲଟ ଲାଗି, ପଣାଭୋଗ ଏହି ଦିନ ଠାରୁ ୪୨ ଦିନ ପର୍ଯ୍ୟନ୍ତ ଚାଲୁ ରହେ । ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ନୀତିରେ ପ୍ରତିଦିନ ବଡ଼ସିଂହାର ବେଶ ପୂର୍ବରୁ ଚନ୍ଦନଲାଗି ହୋଇଥାଏ । କିନ୍ତୁ ଗ୍ରୀଷ୍ମର ପ୍ରଭାବରୁ ରକ୍ଷା ପାଇବା ପାଇଁ ଏହି ବିଶେଷ ନୀତିମାନ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୁଏ ।




**ରଥ ନିର୍ମାଣ ଅନୁକୂଳ :** ଏହି ପବିତ୍ର ଦିନଟି ଗୁଣ୍ଡିଚା ମହୋତ୍ସବର ଏକ ମହତ୍ୱପୂର୍ଣ୍ଣ ଦିବସ । ରଥ ନିର୍ମାଣର ଶୁଭ ଅନୁକୂଳ ଏହି ଦିନ ହୋଇଥାଏ । ଜଳକ୍ରୀଡ଼ା ପାଇଁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ 'ଆଜ୍ଞାମାଳ' ଦେବା ପରେ ତିନି ଠାକୁରଙ୍କ ଠାରୁ ତିନିଖଣ୍ଡ ସ୍ୱତନ୍ତ୍ର ଆଜ୍ଞାମାଳ ରଥ ନିର୍ମାଣ ପାଇଁ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଣନ୍ତି । ଚନ୍ଦନ ଯାତ୍ରା ଉଦ୍ଦେଶ୍ୟରେ ଶ୍ରୀମନ୍ଦିରରୁ ପାଲିଙ୍କି ଓ ବିମାନରେ ପଞ୍ଚମହାଦେବଙ୍କ ସହିତ ଅତି ଆଡ଼ମ୍ବରରେ ଏହି ତିନିଖଣ୍ଡ ଆଜ୍ଞାମାଳକୁ 'ଶ୍ରୀଅଙ୍ଗ' ଭଳି ଜ୍ଞାନକରି ତିନିଜଣ ପୂଜାପଣ୍ଡା ଧରି ଆଗେ ଆଗେ ରଥଖଳା ପର୍ଯ୍ୟନ୍ତ ଯାଇ ଦିଅନ୍ତି । ନୀଳାଦ୍ରି ମହୋଦୟର ୩୬ତମ ଅଧ୍ୟାୟ, ଶ୍ଳୋକ-୫୩ ଓ ୫୪ ରେ ବର୍ଣ୍ଣନା କରାଯାଇଥିବା ମତେ ବନଯାଗ ବିଧି ଓ ଆଜ୍ଞାମାଳ ଆସିବା ପରେ ରଥ ନିର୍ମାଣ ସଂପୃକ୍ତ ସେବକମାନଙ୍କର ବିଶ୍ୱକର୍ମା (ବଢ଼େଇ) 'ଶାଢ଼ୀବନ୍ଧା', ପଢ଼ିଆ କରଣ କରନ୍ତି । ତିନି ରଥ ଉଦ୍ଦେଶ୍ୟରେ ତିନିଖଣ୍ଡ କାଠରେ ଶିଳ୍ପୀମାନଙ୍କ ଦ୍ୱାରା 'ଅସ୍ତ୍ର ସ୍ପର୍ଶ' କରାଯାଇ ରଥ ଅନୁକୂଳ କାର୍ଯ୍ୟ ଆରମ୍ଭ କରାଯାଇଥାଏ । ଏହି ବିଧି ଚାଲିବା ସମୟରେ ପାଲିଙ୍କି ଓ ବିମାନାରୂଢ଼ ଶ୍ରୀବିଗ୍ରହମାନଙ୍କର 'ପ୍ରତିନିଧିମାନେ' ନିଜେ ସେଠାରେ ଉପସ୍ଥିତ ଥାଇ, ସତେ ଯେପରି ଜଗତ ପବିତ୍ର ପାଇଁ ଉଦ୍ଦିଷ୍ଟ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ତଦାରଖ କରୁଥାଆନ୍ତି । ଏହା ଏକ ବିରଳ ଦୃଶ୍ୟ । ଉକ୍ତ କାର୍ଯ୍ୟ ସମାପନ ପରେ ମହା ପଟୁଆରରେ ଠାକୁରମାନେ ରଥଖଳାରୁ ଚନ୍ଦନ ପୋଖରୀକୁ ଜଳକ୍ରୀଡ଼ା ପାଇଁ ଯାଆନ୍ତି ।

**ଚନ୍ଦନଯାତ୍ରା ଓ ଜଳକ୍ରୀଡ଼ା :** ଭକ୍ତର ଭାବନା ଅନୁସାରେ ପ୍ରଭୁ ଗ୍ରୀଷ୍ମ ତାପରୁ ଶୀତଳ ରହିଲେ ଜଗତ ମଧ୍ୟ ଶୀତଳ ରହିବ । 'ନୀଳାଦ୍ରି ମହୋଦୟ'ର ୩୬ତମ ଅଧ୍ୟାୟ ୨୬ ଠାରୁ ୩୪ ଶ୍ଳୋକର ବର୍ଣ୍ଣନାନୁସାରେ - ଜଗତର ତ୍ରିତାପ ଉପଶମ ଓ ହିତ ପାଇଁ ଯେଉଁ ପ୍ରଭୁ ଚନ୍ଦନ ଧାରଣ କରନ୍ତି ଓ ଯାହାଙ୍କ ମଙ୍ଗଳ ଆଳତି କରାଯାଏ, ସେହି ପ୍ରଭୁ ହିଁ ଜଗତର ନାଥ ଶ୍ରୀଜଗନ୍ନାଥ । ଉପର୍ଯ୍ୟୁକ୍ତ ମତେ ଅକ୍ଷୟ ତୃତୀୟା ଠାରୁ ୪୨ ଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କର କେବଳ ଶୀତଳ ଉପଚାର ହୁଏ ନାହିଁ, ଜଳକ୍ରୀଡ଼ା ମଧ୍ୟ ହୁଏ । ଶ୍ରୀବିଗ୍ରହମାନଙ୍କ ଠାରୁ ପ୍ରତିନିଧି ହିସାବରେ ଜଳକ୍ରୀଡ଼ା ପାଇଁ ଆଜ୍ଞାମାଳ ପାଇ ରାମ, କୃଷ୍ଣ, ମଦନମୋହନ, ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ, ପଞ୍ଚମହାଦେବଙ୍କ (ଶ୍ରୀଜମ୍ବେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର ଓ ଶ୍ରୀକପାଳମୋଚନ) ସହ ବିମାନ ଓ ପାଲିଙ୍କିରେ ବିଜେ ହୋଇ ନରେନ୍ଦ୍ର ପୁଷ୍କରିଣୀକୁ ଯାଇ ସେଠାରେ ୨୧ ଦିନ ପର୍ଯ୍ୟନ୍ତ ଚାପରେ ବୁଲନ୍ତି ଓ କୁଣ୍ଡମାନଙ୍କରେ ବୁଡ଼ି ଜଳକ୍ରୀଡ଼ା କରିଥାନ୍ତି । ତାହାକୁ 'ବାହାର ଚନ୍ଦନ' କୁହାଯାଏ । ପରବର୍ତ୍ତୀ ୨୧ ଦିନକୁ 'ଭିତର ଚନ୍ଦନ' କୁହାଯାଏ ।

ଏହି ପରିପ୍ରେକ୍ଷୀରେ ତା ୨୩.୪.୨୩ ରିଖ ରବିବାର ଅକ୍ଷୟ ତୃତୀୟା ଅବସରରେ ଶ୍ରୀମନ୍ଦିରରେ 'ସ୍ୱତନ୍ତ୍ର ନୀତିମାନ' ପାଳନ ହୋଇଥିଲା । ଘ.୨.୪୫ ମି. ରେ ମଦନମୋହନ ଭିତରକୁ ବିଜେ କରିଥିଲେ । ଘ.୪.୪୦ମି.ରେ ବିମାନକୁ ଠାକୁରମାନେ ବିଜେ କରିଥିଲେ । ଘ.୪.୪୦ମି.ରେ ରଥ 'ଆଜ୍ଞାମାଳ' ବିଜେ ହୋଇଥିଲେ । ଘ.୫.୦୦ରେ ବିମାନ ଉଠିଥିଲା ଏବଂ ଶେଷରେ ଚନ୍ଦନରୁ ଠାକୁରମାନେ ନୀତି ଶେଷ କରି ରାତ୍ରରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ା ବିଜେ କରିଥିଲେ । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ପାଳିତ ହେଉଥିବା 'ଦ୍ୱାଦଶ ଯାତ୍ରା' ମଧ୍ୟରେ ଏହି ଚନ୍ଦନ ଯାତ୍ରା ଅନ୍ୟତମ । ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେଉଥିବା ଏହି ଚନ୍ଦନ ଯାତ୍ରା ଏକ ଦୀର୍ଘକାଳବ୍ୟାପୀ ଯାତ୍ରା ଅଟେ । ଏହା ଭକ୍ତମାନଙ୍କ ପାଇଁ ଏକ ଚିତାକର୍ଷକ ଓ ମନୋମୁଗ୍ଧକର ଯାତ୍ରା ଭାବେ ପରିଚିତ ହୋଇପାରିଛି ।

ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ, ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡା. କେ.ଭି. ସିଂହ, ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ, ପ୍ରଶାସକ (ଉନ୍ନୟନ) ଶ୍ରୀ ଅଜୟ କୁମାର ଜେନା ସମେତ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ମହାପ୍ରଭୁଙ୍କ ଅକ୍ଷୟ ତୃତୀୟା ଏବଂ ଚନ୍ଦନ ଯାତ୍ରାକୁ ନୀତି ସଂପୃକ୍ତ ସେବକ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ଏବଂ ଉତ୍ସର୍ଗୀକୃତ ଭାବେ ସମ୍ପାଦିତ କରିପାରିଥିବାରୁ ମୁଖ୍ୟ ପ୍ରଶାସକ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ବିଶେଷ ଭାବେ ସେବକମାନଙ୍କର ଉତ୍ସର୍ଗୀକୃତ ମନୋଭାବକୁ ଭୂୟସୀ ପ୍ରଶଂସା କରିଅଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

### ଶ୍ରୀମନ୍ଦିରରେ କାମଦା ଏକାଦଶୀ ଓ ସୀତା ବିବାହ :

ତା ୧.୪.୨୩ ରିଖ ଶନିବାର ଚୈତ୍ର ଶୁକ୍ଳ ଏକାଦଶୀ ତିଥିରେ ଧୂପ ସରିଲା ପରେ ରାମ, ଲକ୍ଷ୍ମଣ, ସୀତା ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇଥିଲେ । ଏହା ପରେ ଘଣ୍ଟ, ଛତା, ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହୋଇ ସେଠାରେ ପୂର୍ବରୁ ପଡ଼ିଥିବା ଖଟକୁ ବିଜେ କରିଥିଲେ । ଏହି ଠାରେ ହରଚଣ୍ଡି ସାହି ଲୋକେ ପରଶୁରାମ ପ୍ରସ୍ତାବ ଆଗତ କଲା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

### ଶ୍ରୀମନ୍ଦିରରେ ଦୟଣା ଚୋରୀ ଓ ଅନଙ୍ଗ ତ୍ରୟୋଦଶୀ :

ତା ୪.୪.୨୩ରିଖ ମଙ୍ଗଳବାର ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ ପରମ୍ପରା ମୁତାବକ ଏକ ସ୍ୱତନ୍ତ୍ର ନୀତି ଯଥା- ଦୟଣାଚୋରି ନୀତି ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନ ଧୂପ ସରି ଦକ୍ଷିଣଘର ଭୋଗ ସମାପନ ହୋଇ ରାମକୃଷ୍ଣ ସିଂହାସନକୁ ଯାଇ ଆଜ୍ଞାମାଳ ପାଇଲା ପରେ ପୂର୍ବଦିନରୁ ଅଧିବାସ ହୋଇ



ରହିଥିବା କନ୍ଦର୍ପପଟି ଆଗେ ଆଗେ ଯିବାରେ ରାମକୃଷ୍ଣ ପଛରେ ବିଜେ ହୋଇ ପାଲିଙ୍କିକୁ ବିଜେ ହୋଇଥିଲେ । କନ୍ଦର୍ପପଟି ଆଗରେ ଥାଇ ବିମାନବଡୁମାନଙ୍କ ଦ୍ୱାରା ପାଲିଙ୍କି, ଘଣ୍ଟ, ଛତା, କାହାଳୀ ପଟୁଆରରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାରେ ଖଟକୁ ରାମକୃଷ୍ଣ ଏବଂ କନ୍ଦର୍ପପଟି ବିଜେ ହୋଇଥିଲେ । ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସାମଗ୍ରୀମାନଙ୍କ ଦ୍ୱାରା ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ରହି ସଂକଳ୍ପ ବାକ୍ୟ ଅନୁଯାୟୀ ହୋମ ହେବା ପରେ ଭୋଗ ଆସିବାରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପରେ ପୂଜାପଣ୍ଡା ମଣୋହି କରାଇଥିଲେ । ଏହାପରେ ବନ୍ଦାପନା, ଚାମର, ଆଲଟ ହୋଇଥିଲା । ପରେ ତଡ଼ାଉକରଣ, ଦେଉଳକରଣ ମଶାଲ ନେଇ ଚଉଦ ଗଛ ଲାଗିଥିବା ଦୟଣା ବାରିକୁ ଯାଇ ଗଛମାନଙ୍କୁ ତନଖି କରି ଦୟଣାମାଳି ଗଛମାନଙ୍କୁ ତନଖି କରି ମହାବୀରଙ୍କ ପାଖ ଦୟଣାବାରିରେ ୬ ଗଛ କରି ଲଗାଇଲା ପରେ ରାମକୃଷ୍ଣ ନିଶବ୍ଦରେ ଦୟଣାବାରିକୁ ବିଜେ ହୋଇଥିଲେ । ଏଠାରେ ଭିତରଛ ମହାପାତ୍ର ରାମକୃଷ୍ଣଙ୍କ ଶ୍ରୀହସ୍ତରେ ୨ଗଛ ଲାଗି କରିଥିଲେ ଓ ଅନ୍ୟ ୪ ଗଛକୁ ଦୟଣାପତ୍ରୀକୁ ଦେଇଥିଲେ । ତାହା ତାଡ଼ରେ ରଖାଯାଇ ଖଣ୍ଡୁଆ ଘୋଡ଼ାଇ ଆଗରେ ତାଡ଼ ପଛରେ ରାମକୃଷ୍ଣ ରହି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ପୂର୍ବରୁ ଧୋପଖାଳ ହୋଇ ରହିଥିବା ଭୋଗମଣ୍ଡପ ଘରେ ବାଲିବନ୍ଧ ଉପରେ ସୁବାସ ଗଛମାନ ଯଥା ମରୁଆ ଦୟଣା ଲାଗିଥିଲା । ପରେ ଦିଅଁମାନେ ପାଲିଙ୍କିରୁ ବିଜେ ହୋଇ ଗରୁଡ଼ ସ୍ତମ୍ଭ ନିକଟରେ ଦିଅଁଙ୍କ ଶ୍ରୀହସ୍ତରୁ ଦୟଣା ମୈଲମ ହୋଇ ତାଡ଼ରେ ରହିଥିଲା । ପରେ ବଡ଼ ସିଂହାର ବେଶ, ଭୋଗ ସରିବା ପରେ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ଆଜ୍ଞାମାଳ ପାଇ ଭୋଗମଣ୍ଡପ ଘରକୁ ବିଜେ ହୋଇଥିଲେ । ଏହାପରେ ମହାଜନେ ୩ଟି ଗଛକୁ ତିନି ଦିଅଁଙ୍କ ଶ୍ରୀହସ୍ତରେ ଲାଗି କରି ଅନ୍ୟ ତିନି ଗଛକୁ ସାମ୍ନାରେ ୩ ଗୋଟି ଘଙ୍ଗଡ଼ାରେ ରଖିଥିଲେ । ପରେ ପୂଜାପଣ୍ଡା ଆସି ଚେମେଡ଼ି, ପତନି, ଫୁଲ, ଚନ୍ଦନ ଦେଇ ମଣ୍ଡଳ ଉପରେ ଘଙ୍ଗୁଡ଼ିକୁ ରଖି ସାରିଲା ପରେ ଶୀତଳ ଭୋଗ ମଣୋହି କରିଥିଲେ । ଏହାପରେ ଭୋଗମଣ୍ଡପ ଗୃହ ମୁଦ ଦିଆଯାଇ ଭିତରେ ପାଣିପଡ଼ି ବଲ୍ଲଭ ବଡ଼ସିଂହାର ଭୋଗ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଉକ୍ତଦିନ ରାମନବମୀ ଲୀଳା ବନ୍ଦ ରହିଥାଏ ।

### ଶ୍ରୀମନ୍ଦିରରେ ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ ଓ ଲଙ୍କା ପୋଡ଼ି :

ତା ୫.୪.୨୩ ରିଖ ବୁଧବାର ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟା ଧୂପ ସରିଲା ପରେ ରାମ ଲକ୍ଷ୍ମଣ ଆଜ୍ଞାମାଳ ପାଇ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ଦୋଳମଣ୍ଡପ ସାହି ଲୋକେ 'ଲଙ୍କା ପୋଡ଼ି' ପ୍ରସ୍ତାବ ଆଗତ କଲା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

### ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି :

ତା ୧୪.୪.୨୩ ରିଖ ଶୁକ୍ରବାର ମହାବିଷୁବ ସଂକ୍ରାନ୍ତି ନିମନ୍ତେ ଦୈନନ୍ଦିନ ନୀତି ପ୍ରକାରେ ମଙ୍ଗଳ ଆଳତି, ଅବକାଶ ନୀତି ବଢ଼ି ସକାଳ ଧୂପ ସରିବା ପରେ ଦକ୍ଷିଣ ଘରୁ ଶ୍ରୀହନୁମାନ ସିଂହାସନକୁ ବିଜେ ହୋଇ ସକାଳ ଧୂପ ବେଶରେ ଲାଗି ହୋଇଥିବା ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନକୁ ବିଜେ କରିଥିଲେ । ଏହାପରେ ପୂଜାପଣ୍ଡା ହାତରେ ଆଣିଥିବା ଆଜ୍ଞାମାଳ ଧରି ଦ୍ୱାରରେ ବିରାଜମାନ କରିଥିବା ମହାବୀର ଏବଂ ବାରଭାଇ ହନୁମାନଙ୍କୁ ଦେଇ ଫେରିବା ପରେ ଘଣ୍ଟ, ଛତା, କାହାଳୀ



ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀହନୁମାନ ବିଜେ କରିଥିଲେ । ସେଠାରେ ଥିବା ମହାବୀରଙ୍କୁ 'ଆଜ୍ଞାମାଳ' ଦିଆଯିବା ପରେ ଦରିଆ ମହାବୀରଙ୍କ ନିକଟକୁ 'ଆଜ୍ଞାମାଳ' ଯାଇଥିଲା । ସେଠାରୁ ଶ୍ରୀହନୁମାନ ଫେରିବାରେ ମଠରେ ଭୋଗ, ବନ୍ଦାପନା ବଢ଼ି ବାହୁଡ଼ା ବିଜେ ହୋଇଥିଲା । ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିଲା ପରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ଆଣି ସର୍ବାଙ୍ଗ ଲାଗି କରିବାରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡ଼ି ଭୋଗ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିବାରେ ଜଣେ ପୂଜାପଣ୍ଡା, ପତ୍ରିବଡୁ, ଗରାବଡୁ ଓ ରୋଷ ପାଇକ ବଳିଅନ୍ନକୁ ଆଣି ମନ୍ଦିର ଘରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭିତରକୁ ଯାଇ ଭୋଗ ସମାପନ କରିଥିଲେ ଏବଂ ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ ।

### ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ :

ତା ୨୮.୪.୨୩ ରିଖ ଶୁକ୍ରବାର ନୀଳାଦ୍ରିମହୋଦୟାଷ୍ଟମୀ ଉପଲକ୍ଷେ ବିଶେଷ ନୀତିମାନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ସକାଳଧୂପ ସରିଲାପରେ ମୈଲମ ହୋଇ ଆଲଟ ଲାଗି ହୋଇଥିଲା । ଆଲଟ ଲାଗି ବଢ଼ିଲା ପରେ ପୂର୍ବ ଦିନରୁ ଅଧିବାସ ହୋଇ ଭୋଗମଣ୍ଡପ ଘରେ ରହିଥିବା ୧୦୮ ଗରା ଜଳକୁ ଗରାବଡୁମାନେ ଘଣ୍ଟ ଛତା, କାହାଳୀ ପଟୁଆରରେ ଆଣି ଛାମୁରେ ଘରି ପନ୍ତିରେ ରଖିଥିଲେ । ଏହାପରେ ୩ ଜଣ ପାଳିଆ ପୂଜାପଣ୍ଡା ସଂସ୍କାର କରି ଜଳଲାଗି କରିବା ପରେ ଚନ୍ଦନ ଲାଗି ହୋଇଥିଲା । ବେଶ ହୋଇ ଘଣ୍ଟଛତା ମଧ୍ୟାହ୍ନ ଧୂପ ଓ ଯାତ୍ରାଙ୍ଗୀ ଭୋଗ ଛାମୁକୁ ଆସିବାରେ ଦକ୍ଷିଣ ଘରୁ ଦିଅଁମାନେ ସିଂହାସନକୁ ବିଜେ ହୋଇଥିଲେ । ଏହାପରେ ଭୋଗ ସରି ବନ୍ଦାପନା ବଢ଼ିଲା ପରେ ଆଜ୍ଞାମାଳ ପାଇ ଦିଅଁମାନେ ଚନ୍ଦନଯାତ୍ରାକୁ ବିଜେ ହୋଇଥିଲେ ।

# ମନ୍ଦିରର ଶିଳ୍ପକଳା

ପୂର୍ବ ପ୍ରକାଶିତ ଉତ୍ତାରୁ ....

**୧୬. ଭଣ୍ଡ ଗଣେଶ ମନ୍ଦିର :** ସାକ୍ଷୀଗୋପାଳ ମନ୍ଦିର ନିକଟରେ ଗୋଟିଏ ଗଣେଶ ମନ୍ଦିର ରହିଛି । କାଞ୍ଚି ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ପୁରୁଷୋତ୍ତମ ଦେବ ତାଙ୍କ ସହିତ କାଞ୍ଚିର ଇଷ୍ଟଦେବ ଗଣେଶଙ୍କୁ ମଧ୍ୟ ସାଙ୍ଗରେ ଆଣିଥିବା କଥିତ ହୁଏ । ଏହି ଗଣେଶ କାଞ୍ଚି ଗଣେଶ ଓ କାମଦ ଗଣେଶ ନାମରେ ମଧ୍ୟ ପରିଚିତ । ଏହି ଗଣେଶ ମୂର୍ତ୍ତି କର୍ଣ୍ଣାଟକ ଶୈଳୀରେ ନିର୍ମିତ ଚତୁର୍ଭୁଜ ମୂର୍ତ୍ତି, ଶକ୍ତି ତାଙ୍କର କୋଳରେ ବିରାଜିତା ହୋଇଛନ୍ତି ।



**୧୭. କ୍ଷୀରଚୋରା ଗୋପୀନାଥ ମନ୍ଦିର :** ଭଣ୍ଡ ଗଣେଶଙ୍କ ମନ୍ଦିର ନିକଟରେ ଦ୍ୱାରର ଅପର ପାର୍ଶ୍ୱରେ ଯେଉଁ ରାଧାକୃଷ୍ଣ ମୂର୍ତ୍ତି ପୂଜା ପାଉଛନ୍ତି, ସେ କ୍ଷୀରଚୋରା ଗୋପୀନାଥ ନାମରେ ପ୍ରସିଦ୍ଧ । ସେ ବାଲେଶ୍ୱରର ରେମୁଣାରେ ପୂଜିତ ଗୋପୀନାଥଙ୍କ ଅନୁରୂପ ବୋଲି କୁହାଯାଏ ।

**୧୮. ଭୁବନେଶ୍ୱରୀ ମନ୍ଦିର :** ଗୋପୀନାଥଙ୍କ ମନ୍ଦିର ପାର୍ଶ୍ୱରେ ପୂର୍ବମୁଖ ହୋଇ ଯେଉଁ ଅପେକ୍ଷାକୃତ ବଡ଼ ମନ୍ଦିରଟି ଅଛି, ତାହାକୁ ଭୁବନେଶ୍ୱରୀ ମନ୍ଦିର, କମଳା ମନ୍ଦିର, ସତ୍ୟଭାମା ମନ୍ଦିର, ସରସ୍ୱତୀ ମନ୍ଦିର ପ୍ରଭୃତି କୁହାଯାଏ । ଏହି ମନ୍ଦିରରେ ପାଶ, ଅଙ୍କୁଶ, ବରଦ ଓ ଅଭୟ ମୁଦ୍ରା ଧାରିଣୀ ଭୁବନେଶ୍ୱରୀ ବିରାଜିତା । ଜଗମୋହନର ଦକ୍ଷିଣ ପାର୍ଶ୍ୱରେ ସରସ୍ୱତୀ ଓ ଉତ୍ତର ପାର୍ଶ୍ୱରେ ଗାୟତ୍ରୀ, ସାବିତ୍ରୀ ତଥା ଷଷ୍ଠୀ ଦେବୀ ରହିଛନ୍ତି । ବସନ୍ତ ପଞ୍ଚମୀ ଦିନ ସରସ୍ୱତୀଙ୍କର, ସାବିତ୍ରୀ ବ୍ରତ ଦିନ ସାବିତ୍ରୀଙ୍କର ଓ ଷଷ୍ଠୀ ଓଷା ଦିନ ଷଷ୍ଠୀ ଦେବୀଙ୍କର ବିଶିଷ୍ଟ ପୂଜା ହୁଏ ।

**୧୯. ନୀଳମାଧବ ମନ୍ଦିର :** ଭୁବନେଶ୍ୱରୀଙ୍କ ମନ୍ଦିର ନିକଟରେ ଥିବା ଏକ ଛୋଟ ମନ୍ଦିରରେ ନୀଳମାଧବ ବିରାଜିତ । କୁହାଯାଏ ଯେ ଶବର ରାଜା ବିଶ୍ୱାବସୁ ପ୍ରଥମେ ଏହି ଠାରେ ନୀଳମାଧବଙ୍କର ପୂଜା କରୁଥିଲେ ନୀଳମାଧବଙ୍କ ପାର୍ଶ୍ୱରେ ଜଗନ୍ନାଥ ଓ ବଂଶୀଧାରୀ କୃଷ୍ଣ ମଧ୍ୟ ପୂଜିତ ହେଉଛନ୍ତି ।

**୨୦. ଭଦ୍ରକାଳୀ ମନ୍ଦିର :** ନୀଳମାଧବ ମନ୍ଦିରର ପାର୍ଶ୍ୱଦେଶରେ ଥିବା ଏହି ମନ୍ଦିରରେ ଭୀଷଣାକୃତି ଖଡ୍‌ଗଖର୍ପରଧାରିଣୀ କାଳିକା ପୂଜିତ ହୁଅନ୍ତି । ଏହାଙ୍କୁ ଯନ୍ତ କାଳିକା, ଭଦ୍ର କାଳିକା, ବେଢ଼ାକାଳିକା ପ୍ରଭୃତି କୁହାଯାଏ ।

**୨୧. ମହାଲକ୍ଷ୍ମୀ ମନ୍ଦିର :** ବଡ଼ ଦେଉଳର ଉତ୍ତର ପଶ୍ଚିମ କୋଣରେ ବିଷ୍ଣୁ ପତ୍ନୀ ଲକ୍ଷ୍ମୀ ଦେବୀଙ୍କର ବୃହଦାକାର ମନ୍ଦିର ପୂର୍ବମୁଖ ହୋଇ ରହିଅଛି । ବିମାନ, ମୁଖଶାଳା ଓ ଜଗମୋହନକୁ ନେଇ ଗଠିତ ଏହି ମନ୍ଦିରର ଶିଳ୍ପକଳା ଅତି ଉନ୍ନତ ଓ ସୂକ୍ଷ୍ମ । ଦୁଇଗୋଟି ପଦ୍ମ ତଥା ବରାଭୟମୁଦ୍ରାଧାରିଣୀ ଲକ୍ଷ୍ମୀଦେବୀ ଏହି ମନ୍ଦିରରେ ବିରାଜମାନ ହୋଇଛନ୍ତି । ମନ୍ଦିରର ପାର୍ଶ୍ୱଦେବୀ ରୂପରେ ମଧ୍ୟ ଅନୁରୂପ ମୂର୍ତ୍ତି ରହିଅଛି । ଏହି ମନ୍ଦିରର ମୁଖଶାଳାରେ ଗୋଟିଏ ଲକ୍ଷ୍ମୀ ନୃସିଂହ ମୂର୍ତ୍ତି ରହିଅଛି । ମୁଖ୍ୟ ମନ୍ଦିର ସହିତ ଏହି ମନ୍ଦିରକୁ ମଧ୍ୟ ଚୋଡ଼ଗଙ୍ଗ ଦେବ ନିର୍ମାଣ କରିଥିବା କୁହାଯାଏ । ପୁଣି କେହି କେହି ଆଲୋଚକ ପ୍ରକାଶ କରନ୍ତି ଯେ ଶ୍ରୀସଂପ୍ରଦାୟର ଆଚାର୍ଯ୍ୟ ରାମାନୁଜଙ୍କ ପ୍ରେରଣାରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ମହାଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନରେ ଦକ୍ଷିଣ ଭାରତୀୟ ଆଲବାରଗଣ, ଶ୍ରୀସଂପ୍ରଦାୟର ଆଚାର୍ଯ୍ୟଗଣ ତଥା ସେମାନଙ୍କ ଉପାସ୍ୟ ଦେବଦେବୀଗଣଙ୍କର ଚିତ୍ର ରହିଛି । ମହାଲକ୍ଷ୍ମୀଙ୍କର ଦର୍ଶନ ପରେ ଦର୍ଶନାର୍ଥୀମାନେ ଅଳ୍ପ ସମୟ ପାଇଁ ଏଠାରେ ବିଶ୍ରାମ କରିବାର ପ୍ରଥା ରହିଛି ।

**୨୨. ନବଗ୍ରହ ମନ୍ଦିର :** ମହାଲକ୍ଷ୍ମୀଙ୍କ ମନ୍ଦିରର ପାର୍ଶ୍ୱରେ ଯେଉଁ ଦକ୍ଷିଣ ମୁଖ ମନ୍ଦିରଟି ଅଛି, ସେଠାରେ ନବଗ୍ରହ ପୂଜିତ ହେଉଛନ୍ତି । ଏଠାରେ ଗ୍ରହମାନେ ବିପରୀତ କ୍ରମରେ ସ୍ଥାପିତ ହୋଇଛନ୍ତି ।

**୨୩. ସୂର୍ଯ୍ୟ ମନ୍ଦିର :** କୂର୍ମ ବେଢ଼ାର ଉତ୍ତର ଦିଗରେ ସୂର୍ଯ୍ୟ ଦେବଙ୍କର ମନ୍ଦିରଟି ପୂର୍ବମୁଖ ହୋଇ ରହିଛି । ଏହି ମନ୍ଦିରଟି ଏକ ପ୍ରାଚୀନ ସପ୍ତରଥ ରେଖ ଦେଉଳ । ଏଠାରେ ସୂର୍ଯ୍ୟଙ୍କର ବିଗ୍ରହ ପୂଜା ପାଉଛନ୍ତି । କେତେକ ଲେଖକ ପ୍ରକାଶ କରନ୍ତି ଯେ ଏଠାରେ ପ୍ରଥମେ ଇନ୍ଦ୍ରଦେବ ପୂଜା ପାଉଥିଲେ, ପରେ କୋଣାର୍କର ସୂର୍ଯ୍ୟ ମୂର୍ତ୍ତିଙ୍କୁ ସେହି ଇନ୍ଦ୍ରଙ୍କ ସମ୍ମୁଖରେ ତାଙ୍କୁ ଘୋଡ଼ାଇବା ଭଳି ସ୍ଥାପନ କରାଯାଇଛି । ପୁଣି ଏହି ମନ୍ଦିରରେ ଯେଉଁ ଦୁଇଟି ଧାତୁ ମୂର୍ତ୍ତି ପୂଜିତ ହୁଅନ୍ତି ସେମାନେ ଉତ୍ତରାୟଣ ଓ ଦକ୍ଷିଣାୟନ ସୂର୍ଯ୍ୟ କିମ୍ବା ସୂର୍ଯ୍ୟ ଓ ଚନ୍ଦ୍ର ନାମରେ ପରିଚିତ ।

**୨୪. ଦଧି ବାମନ ମନ୍ଦିର :** କୂର୍ମ ବେଢ଼ାର ଉତ୍ତର ଦିଗରେ ଥିବା ଏହି ମନ୍ଦିରଟି ପୂର୍ବାଭିମୁଖ । ଦଧିବାମନରୂପୀ ଶ୍ରୀକୃଷ୍ଣ ଏଠାରେ ପୂଜିତ ହେଉଛନ୍ତି ।

**୨୫. ପାତାଳେଶ୍ୱର ମନ୍ଦିର :** କୂର୍ମ ବେଢ଼ାର ଉତ୍ତର ଦିଗରେ ଉତ୍ତର ଦ୍ୱାର ନିକଟରେ ଥିବା ଏହି ମନ୍ଦିରଟି ଅଧା ପୋତି ହେବା ପରି ଦେଖାଯାଉଛି । ଏହା ମଧ୍ୟରେ ପାତାଳେଶ୍ୱର ଶିବ ପୂଜା ପାଉଛନ୍ତି । ଶିବଲିଙ୍ଗ ମଧ୍ୟ ଭୂପୃଷ୍ଠର ବହୁତ ତଳେ ଅଛନ୍ତି ଓ ତାଙ୍କ ପାଖକୁ ଯିବାକୁ ପାହାଚ ହୋଇଛି । ରାଜା ଅନଙ୍ଗଭୀମ ଦେବଙ୍କର କେତେକ ଶିଳାଲେଖ ମନ୍ଦିରର ଭିତର କାନ୍ଥରେ ଥିବାରୁ ସେ ଏହାକୁ ନିର୍ମାଣ କରିଥିବା ବିଶ୍ୱାସ କରାଯାଏ ।

**୨୬. ପାଦପଦ୍ମ ମନ୍ଦିର :** କୂର୍ମ ବେଢ଼ାର ଉତ୍ତରପଟେ ଗୋଟିଏ ଛୋଟ ମନ୍ଦିରରେ ଶ୍ରୀ ଚୈତନ୍ୟଙ୍କର ପଦଚିହ୍ନ ପୂଜା କରାଯାଉଛି । ଏହା ପ୍ରଥମେ ମନ୍ଦିରର ଜଗମୋହନ ମଧ୍ୟରେ ଗରୁଡ଼ ସ୍ତମ୍ଭର ପଛ ଭାଗରେ ଥିଲା ଓ ପରେ ଏଠାକୁ ସ୍ଥାନାନ୍ତର କରାଯାଇଥିବା କୁହାଯାଏ ।

● (କ୍ରମଶଃ...)

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଫଟୋରେ ଖବର



ତା ୨୫.୩.୨୩ରେ ଶ୍ରୀବାଡ଼ି ନୃସିଂହଙ୍କ ଋରି ଆଶ୍ରମ ବିଜେ



ତା ୨୯.୩.୨୩ରେ ରାଜ୍ୟ ଆଇନ ସଚିବ ଶ୍ରୀଯୁକ୍ତ ଧନେଶ୍ୱର ମଲ୍ଲିକ ସସ୍ତ୍ରୀକ ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨୯.୩.୨୩ରେ ଅଶୋକାଅଷ୍ଟମୀରେ ଶ୍ରୀମନ୍ଦିରରୁ ଶ୍ରୀଲୋକନାଥ ମହାପ୍ରଭୁ ନୀତି ସମ୍ପନ୍ନ ପାଇଁ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରୁଅଛନ୍ତି



ତା ୬.୪.୨୩ରେ ଦୃଷ୍ଟି ବାଧିତ ଏବଂ ବଧିର ଛାତ୍ର-ଛାତ୍ରୀମାନଙ୍କ ଶ୍ରୀକ୍ଷେତ୍ର ଯାତ୍ରା ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପି.ଆର୍.ଓ. ଶ୍ରୀଯୁକ୍ତ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଛାତ୍ର-ଛାତ୍ରୀମାନେ ଶ୍ରୀମନ୍ଦିକୁ ଶ୍ରୀଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ନିମନ୍ତେ ଯାଉଅଛନ୍ତି





ତା ୩୦.୩.୨୩ରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥ ଯାତ୍ରା ନିମନ୍ତେ ପରମ୍ପରା ଅନୁଯାୟୀ ପବିତ୍ର ଶ୍ରୀରାମ ନବମୀ ତିଥିରେ 'ରଥ କାଠ ଚିରଟ' ଅନୁକୂଳ ପାଇଁ ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ମାଳ-ମାହାର୍ଦ୍ଧ ସହ ଶ୍ରୀକ୍ଷେତ୍ରରୁ କଟକ ଖପୁରିଆସ୍ଥିତ କରତ କଳକୁ ଯାତ୍ରା କରୁଅଛନ୍ତି ଏବଂ ସେହିଠାରେ ଅବସ୍ଥିତ ଓ.ଏଫ୍.ଡି.ସି. ସ-ମିଲ୍‌ରେ ଶ୍ରୀମନ୍ଦିର ରଥ ଅମିନ ଶ୍ରୀ ଲକ୍ଷ୍ମଣ ମହାପାତ୍ର ପୂଜାର୍ଚ୍ଚନା ପୂର୍ବକ 'ରଥ କାଠ ଚିରଟ ଅନୁକୂଳ' କରୁଅଛନ୍ତି

# ଫଟୋରେ ଖବର...



ତା ୧୮.୪.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରସାଶକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧକ୍ଷତାରେ ଆହୃତ 'ଛତିଶା ନିଯୋଗ' ବୈଠକ



ତା ୧୮.୪.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ଛତିଶା ନିଯୋଗ ବୈଠକ ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରସାଶକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ସେବକ ପରିବାରର ୩୬ ଜଣ ମେଧାବୀ ଛାତ୍ର-ଛାତ୍ରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଅଛନ୍ତି



ତା ୧୯.୪.୨୩ରେ କେନ୍ଦ୍ର କୋଇଲା ସଚିବ ଶ୍ରୀଯୁକ୍ତ ଅମ୍ରିତ ଲାଲ୍ ମୀନା ଶ୍ରୀମନ୍ଦିର ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଏବଂ ପି.ଆର୍.ଓ. ଶ୍ରୀ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨୦.୪.୨୩ରେ ରକ୍ମିଣୀ ଅମାବାସ୍ୟା ପରିପ୍ରେକ୍ଷୀରେ ଶ୍ରୀନାରାୟଣଙ୍କ ସାଗର ବିଜେ



ତା ୨୩.୪.୨୩ରେ ଅକ୍ଷୟ ତୃତୀୟା ଅବସରରେ ବିମାନରେ ବିଜେ ହୋଇ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଶ୍ରୀମନ୍ଦିରରୁ ବାହାରି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରୁଅଛନ୍ତି



ତା ୨୩.୪.୨୩ରେ ଅକ୍ଷୟ ତୃତୀୟାରେ ଏବଂ ରଥ ନିର୍ମାଣ ଅନୁକୂଳ ପରିପ୍ରେକ୍ଷୀରେ ରଥ ଖଳା ଠାରେ ଉପସ୍ଥିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡା. କେ.ଭି. ସିଂ

## (୬) ୧୮୭୦ ମସିହା ପୁରୀ ରଥଯାତ୍ରା
### (ଭାଗ-୫-ସଂଖ୍ୟା ୨୯ - ତା ୧୬ ରିଖ, ଜୁଲାଇ)

ପୁରୁଷୋତ୍ତମରେ ରଥଯାତ୍ରା ସମୟରେ ଏକ ରହସ୍ୟଜନକ ବ୍ୟାପାର ଘଟିଥିଲା । ମହାପ୍ରଭୁ ମନ୍ଦିରରୁ ବାହାରିଲା ଦିନ ସୁଆରମାନେ ଆପଣା ଲାଭ କାରଣ ଅନେକ ଅନ୍ନଭୋଗ ଦେବାର ଆୟୋଜନ କରିଥିଲେ । ବେଳ ଘ୧୦ଣ୍ଟା ଠାରୁ ଘ୨ଣ୍ଟା ପର୍ଯ୍ୟନ୍ତ ଭୋଗ ବୁହା ସରିଲା ନାହିଁ ଅଥଚ ଅନ୍ନର ଗରମରେ ଦେଉଳରେ ରହିବାର କଠିନ ହେଲା । ପୂଜକ ପଣ୍ଡାର ଶରୀର କମ୍ପିଲା ଓ ସେ ଆଉ ଉତ୍ତାପ ସହି ନପାରି କବାଟ ଲଗାଇ ପୂଜା ଆରମ୍ଭ କଲା । ଦୁଇଜଣ ସୁଆର ଘର ମଧ୍ୟରେ ଥିଲେ ତାହାଙ୍କର ନିର୍ଶ୍ୱାସ ରୁଦ୍ଧ ହୋଇ ପ୍ରାଣ ସଂଶୟ ହେଲା ଓ ସେମାନେ ଚିତ୍କାର କରିବାର ବାହାର ଲୋକ କବାଟ ଜଳା ମଧ୍ୟରେ ପାଣି ଦେବାରୁ କୌଣସି ରୂପେ ବଞ୍ଚି ରହିଲେ । ଭୋଗ ଉତ୍ତାରୁ କବାଟ ଫିଟିଲା ବେଳେ ପଣ୍ଡାମାନେ ଲୁଚି ରହିଲେ ଓ ସୁଆରମାନେ ଏମନ୍ତ ରାଗାନ୍ୱିତ ହୋଇଥିଲେ ଯେ ତାହାଙ୍କୁ ପ୍ରାଣରେ ବଧ କରିବା କାରଣ ବାଉଁସ ଇତ୍ୟାଦି ଘେନି ଖୋଜି ବୁଲିଲେ । ପରିଶେଷରେ ପୁଲିସର ସହାୟତାରେ ପଣ୍ଡାଙ୍କର ପ୍ରାଣରକ୍ଷା ହେଲା । ମନ୍ଦିରର କାର୍ଯ୍ୟ କିରୂପ ଶୃଙ୍ଖଳାରେ ନିର୍ବାହ ହେଉଅଛି ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

## (୭) ୧୮୭୩ ମସିହା ପୁରୀ ରଥଯାତ୍ରା
### (ଭାଗ-୮-ସଂଖ୍ୟା ୨୭ - ତା ୫ ରିଖ, ଜୁଲାଇ)

ପାଠକମାନଙ୍କୁ ଜଣାଉଥିବ ଯେ ଅଳ୍ପଦିନ ତଳେ ଆମ୍ଭମାନଙ୍କ ଲେଫ୍‌ଟନଣ୍ଟ ଗବର୍ଣ୍ଣର ରଥଯାତ୍ରା ପ୍ରତିକୂଳରେ ମନ୍ତବ୍ୟ ଲେଖି ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ପରାମର୍ଶ ପାଇଁ ପଠାଇଥିଲେ ଓ ତହିଁରେ ଲେଖିଥିଲେ ଯେ ରଥସବୁ



ବୃହଦାକାର ଓ ବିଶୃଙ୍ଖଳ ରୂପେ ନିର୍ମାଣ ହୋଇଥିବାରୁ ତଦ୍ଦ୍ୱାରା ଅନେକ ବିପଦ ଘଟିବାର ସମ୍ଭାବନା ଓ ତାହା ଉଠାଇଦେଲେ ଅନାୟାସରେ ହୋଇପାରେ କାରଣ ପ୍ରକୃତ ହିନ୍ଦୁ କି ଯେଉଁମାନେ ଏଥିରେ ବିରକ୍ତ ହେବେ ତାଙ୍କ ସଂଖ୍ୟା ଅତ୍ୟଳ୍ପ ଅଟଇ । ନିତାନ୍ତପକ୍ଷରେ ରଥ ସବୁ କ୍ଷୁଦ୍ର କ୍ଷୁଦ୍ର ନହେଲେ ଓ ତଦ୍ଦ୍ୱାରା ସଙ୍କଟ ଘଟିବାର ଆଶଙ୍କା ନଥିଲେ ତାହା ଟଣାଯିବା ପାଇଁ ମାଜିଷ୍ଟ୍ରେଟଙ୍କୁ ଆଜ୍ଞା ଦିଆଯାଇପାରେ । ମହାମାନ୍ୟ ଲର୍ଡ ନର୍ଥ ବୃକ୍‌ସାହେବ କି ସେ କୌଣସି ଧର୍ମପ୍ରତି ତିଳାର୍ଦ୍ଧ ପକ୍ଷପାତୀ ନୁହନ୍ତି ଓ ସମସ୍ତ ସମ୍ପ୍ରଦାୟର ଧର୍ମକୁ ସମାନ ରୂପ ମାନ୍ୟ କରନ୍ତି । ଉକ୍ତ ପତ୍ରର ଉତ୍ତରରେ ଲେଖିଅଛନ୍ତିକି ରଥଦ୍ୱାରା ଅଧିକ ସଙ୍କଟ ଘଟିବାର ପ୍ରମାଣ ନାହିଁ ଓ ତହିଁରେ ହସ୍ତକ୍ଷେପ କରିବା ଅନାବଶ୍ୟକ । ଯତ୍‌କିଞ୍ଚିତ ଯେବେ ଦୁର୍ଘଟନା ହୁଅଇ ତାହା ମାଜିଷ୍ଟ୍ରେଟ ଓ ପୁଲିସଙ୍କ ସାବଧାନତା ଦ୍ୱାରା ଯଥାର୍ଥ ରୂପେ ନିବାରିତ ହୋଇପାରେ । ମହାମାନ୍ୟ ପ୍ରତିନିଧି ସାହେବଙ୍କୁ ଏଥିପାଇଁ ଆମ୍ଭେମାନେ ସହସ୍ର ସହସ୍ର ଧନ୍ୟବାଦ ଦେଉଅଛୁଁ । ତାହାଙ୍କ ସୁବିଚାର ହେତୁ କେବଳ ଲେଫ୍‌ଟନଣ୍ଟ ଗବର୍ଣ୍ଣରଙ୍କ ଗୋଟିଏ ଅତ୍ୟାଚାର ହେଲା ଏମନ୍ତ ନୁହେଁ କିନ୍ତୁ ପ୍ରଶଂସିତ ପ୍ରତିନିଧି ସାହେବ ଯେଉଁ ଉପାୟ କହିଦେଇ ଅଛନ୍ତି ତାହା ହାତେହାତ ପୁରୀରେ ପ୍ରତ୍ୟକ୍ଷ ହେଲା । ସେଠା ମାଜିଷ୍ଟ୍ରେଟ ସାହେବ ଯେରୂପ ସୁନ୍ଦର ରୂପେ ଗତ ରଥଯାତ୍ରା ନିର୍ବାହ କରିଅଛନ୍ତି ତହିଁର ବିବରଣ ଏଥି ସଙ୍ଗେ ପ୍ରଚାରିତ ହୋଇଥିବା ଆମ୍ଭମାନଙ୍କ ପୁରୀସ୍ଥ ସମ୍ବାଦଦାତାଙ୍କ ପତ୍ରରୁ ପ୍ରକାଶ ପାଇବ । ଶ୍ରୀଯୁକ୍ତ ଆର୍ମଷ୍ଟ୍ରଙ୍ଗ ସାହେବ ଅତ୍ୟଳ୍ପକାଳରେ ପୁରୀରେ ଏରୂପ ସୁଖ୍ୟାତି ପ୍ରାପ୍ତ ହେଲେ ଅତିଶୟ ଆନନ୍ଦର ବିଷୟ ଅଟଇ ଓ ସୁଯୋଗଙ୍କୁ ସୁଯୋଗ୍ୟ ବାବୁ ରାମ ପ୍ରସାଦ ସିଂହ ତାହାଙ୍କ ସିରସ୍ତାଦାର ହୋଇଅଛନ୍ତି । ଏ ଦୁହିଁଙ୍କ ଯୋଗେ ପୁରୀର ଯଥେଷ୍ଟ ମଙ୍ଗଳ ସାଧନ ହେବାର ସମ୍ପୂର୍ଣ୍ଣ ଲକ୍ଷଣମାନ ଜଣାଯାଏ ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପାରାୟଣ ଓ ପ୍ରବଚନ ବିଧି :
#### ପାଞ୍ଚରାତ୍ର ପ୍ରସଙ୍ଗ ସୂଚନା :

## ଦ୍ୱିତୀୟ ଦିବସ

### ପାରାୟଣ
#### ଇନ୍ଦ୍ରଦ୍ୟୁମ୍ନଙ୍କ ଉତ୍କଳ ଯାତ୍ରା ଓ ସହସ୍ର ଅଶ୍ୱମେଧ ଯାଗ

| ଅଧ୍ୟାୟ | ବିଷୟ | ଶ୍ଳୋକ ସଂଖ୍ୟା |
|---|---|---|
| ୯. | ଆଜ୍ଞାମାଳ ଧାରଣ ଏବଂ ବିଦ୍ୟାପତିଙ୍କର ଇନ୍ଦ୍ରଦ୍ୟୁମ୍ନଙ୍କୁ ସନ୍ଦେଶ ପ୍ରଦାନ | ୬୭ |
| ୧୦. | ବିଦ୍ୟାପତିଙ୍କର ପୁରୁଷୋତ୍ତମ କ୍ଷେତ୍ର ବିବରଣୀ ବର୍ଣ୍ଣନ | ୧୨୨ |
| ୧୧. | ଇନ୍ଦ୍ରଦ୍ୟୁମ୍ନଙ୍କ ଉତ୍କଳ ଆଗମନ | ୧୫୦ |
| ୧୨. | ଏକାମ୍ର କାନନ ପରିକ୍ରମା | ୧୩୨ |
| ୧୩. | କପୋତେଶ୍ୱର କଥା | ୩୩ |
| ୧୪. | ନୀଳମାଧବଙ୍କ ଅନ୍ତର୍ଦ୍ଧାନ ଏବଂ ନାରଦଙ୍କର ଇନ୍ଦ୍ରଦ୍ୟୁମ୍ନଙ୍କୁ ସାନ୍ତ୍ୱନା | ୫୦ |
| ୧୫. | ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ତବ ଓ ଶୋକନାଥ | ୫୩ |
| ୧୬. | ଶ୍ରୀଯଜ୍ଞନୃସିଂହଦେବଙ୍କ ପ୍ରତିଷ୍ଠା | ୬୬ |
| | | ମୋଟ ୬୭୩ ଶ୍ଳୋକ |

### ପ୍ରବଚନ

ମୁଖ୍ୟ ପ୍ରସଙ୍ଗ : ପୁରୁଷୋତ୍ତମକ୍ଷେତ୍ର ବିବରଣ, ନାରଦଙ୍କ ଭକ୍ତିତତ୍ତ୍ୱ ନିରୂପଣ, ଇନ୍ଦ୍ରଦ୍ୟୁମ୍ନଙ୍କ ଉତ୍କଳ ଯାତ୍ରା, ଶ୍ରୀନୀଳମାଧବଙ୍କ ଅନ୍ତର୍ଦ୍ଧାନ, ସହସ୍ର ଅଶ୍ୱମେଧ ଯାଗ ଓ ଯଜ୍ଞନୃସିଂହ ପ୍ରତିଷ୍ଠା ।

## ତୃତୀୟ ଦିବସ

### ପାରାୟଣ
#### ଦାରୁବ୍ରହ୍ମଙ୍କ ଆବିର୍ଭାବ ଓ ବ୍ରହ୍ମାଙ୍କ ନୀଳାଚଳ ଆଗମନ

| ଅଧ୍ୟାୟ | ବିଷୟ | ଶ୍ଳୋକ ସଂଖ୍ୟା |
|---|---|---|
| ୧୭. | ଅଶ୍ୱମେଧ ଯଜ୍ଞ ଏବଂ ଇନ୍ଦ୍ରଦ୍ୟୁମ୍ନଙ୍କ ଭଗବତ୍- ଦର୍ଶନ | ୧୩୯ |
| ୧୮. | ଦାରୁବ୍ରହ୍ମଙ୍କ ଆବିର୍ଭାବ | ୪୫ |
| ୧୯. | ମୂର୍ତ୍ତି ଗଠନ | ୫୫ |
| ୨୦. | ପୂଜାର୍ଚ୍ଚନା, ଦାନଧର୍ମ ଏବଂ ଇନ୍ଦ୍ରଦ୍ୟୁମ୍ନ ସରୋବର ସୃଷ୍ଟି | ୬୦ |
| ୨୧. | ଶ୍ରୀମନ୍ଦିର ନିର୍ମାଣ | ୭୦ |
| ୨୨. | ଇନ୍ଦ୍ରଦ୍ୟୁମ୍ନଙ୍କ ବ୍ରହ୍ମଲୋକ ଗମନ | ୪୮ |
| ୨୩. | ବ୍ରହ୍ମାଙ୍କ ଦ୍ୱାରା ଇନ୍ଦ୍ରଦ୍ୟୁମ୍ନଙ୍କୁ ଦାରୁମୂର୍ତ୍ତି ଆବିର୍ଭାବର କାରଣ ବର୍ଣ୍ଣନ | ୭୮ |
| ୨୪. | ଦେବଗଣଙ୍କ ସ୍ତୁତି | ୪୬ |
| ୨୫. | ରଥ ନିର୍ମାଣ ଓ ପ୍ରତିଷ୍ଠା | ୭୪ |
| ୨୬. | ବ୍ରହ୍ମାଙ୍କ ନୀଳାଚଳ ଆଗମନ ଏବଂ ମନ୍ଦିର ପ୍ରତିଷ୍ଠା ଆୟୋଜନ | ୬୨ |
| | | ମୋଟ ୬୭୭ ଶ୍ଳୋକ |

### ପ୍ରବଚନ

ମୁଖ୍ୟ ପ୍ରସଙ୍ଗ : ଦାରୁବ୍ରହ୍ମଙ୍କ ଆବିର୍ଭାବ, ଶ୍ରୀମନ୍ଦିର ନିର୍ମାଣ, ଇନ୍ଦ୍ରଦ୍ୟୁମ୍ନଙ୍କର ବ୍ରହ୍ମାଙ୍କ ସହ ସାକ୍ଷାତ, ରଥ ନିର୍ମାଣ ଓ ପ୍ରତିଷ୍ଠା, ବ୍ରହ୍ମାଙ୍କ ନୀଳାଚଳ ଆଗମନ ।

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୩) ଶ୍ରୀଦେବୀ ଓ ଭୂଦେବୀ

**ରାଧାଷ୍ଟମୀ-** ଶ୍ରୀମନ୍ଦିରରେ ରାଧାଷ୍ଟମୀ ଅବସରରେ ବିଜେ ପ୍ରତିମା ଶ୍ରୀଦେବୀଙ୍କର ସ୍ୱତନ୍ତ୍ର ଭୂମିକା ରହିଛି । ଭାଦ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀକୁ ରାଧାଷ୍ଟମୀ କୁହାଯାଏ । ଏହି ଦିନ ଶ୍ରୀମନ୍ଦିରରେ ରାଧାଷ୍ଟମୀ ଉପଲକ୍ଷେ କେତେକ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ଏହି ଦିନ ସକାଳ ଧୂପ ପୂଜା ବଢ଼ିବା ପରେ ଶ୍ରୀଦେବୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ଲକ୍ଷ୍ମୀ ମନ୍ଦିରରେ ଜଗମୋହନରେ ପଡ଼ିଥିବା ଖଟ ଉପରେ ଉପବେଶନ କରନ୍ତି । ଏଠାରେ ଶ୍ରୀଦେବୀଙ୍କର ମାଜଣା ଓ ଶୀତଳଭୋଗ ବଢ଼ିବା ପରେ ବନ୍ଦାପନା ହୋଇଥାଏ । ଭିତରେ ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ଉଠିଲେ ଶ୍ରୀଦେବୀଙ୍କୁ ସିଂହାସନରେ ବିଜେ କରାଯାଏ । ଭୋଗ ସରିବା ପରେ ଭିତରେ ପାଣି ପଡ଼ି ଧୁଆ ଯାଇଥାଏ । ଏହାପରେ ମହାଜନ ସେବକମାନେ ଭୂଦେବୀ ଓ ଶ୍ରୀଦେବୀଙ୍କୁ ହାତରେ ନେଇ ଖଟଶେଯ ଘରେ ବିଜେ କରାଇଥାଆନ୍ତି । ଏହି ଦିନ ଶ୍ରୀସୁଦର୍ଶନ ଦେବ ଆଜ୍ଞାମାଳ ପାଇ ବିମାନରେ କଣ୍ଡୁ ଓ ଭୃଗୁ ଆଶ୍ରମ ସମେତ ସମୁଦାୟ ୩୧ଟି ସ୍ଥାନରେ ପନ୍ତିଭୋଗ ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାଆନ୍ତି । ଠାକୁରମାନଙ୍କର ମହାସ୍ନାନ ନୀତି ବଢ଼ିବା ପରେ ଶ୍ରୀଦେବୀ ଓ ଭୂଦେବୀ ଦକ୍ଷିଣି ଘରୁ ରତ୍ନସିଂହାସନକୁ ବିଜେ କରନ୍ତି । ଏହାପରେ ସନ୍ଧ୍ୟା ଆଳତି ବେଶ ଓ ଆଳତି ହୋଇଥାଏ ।



**କୁମାର ପୂର୍ଣ୍ଣିମା-** ଆଶ୍ୱିନ ମାସର ପୂର୍ଣ୍ଣିମା 'କୁମାର ପୂର୍ଣ୍ଣିମା' ନାମରେ ଖ୍ୟାତ । ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଅବସରରେ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରରେ ଏହି ଦିନ ମଧ୍ୟାହ୍ନ ଧୂପ ସରିବା ପରେ ରତ୍ନସିଂହାସନରେ ଥିବା ଶ୍ରୀଦେବୀ ଓ ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଯାଇଥାଏ । ଏହା ପରେ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଦେବ ବିଜେହୋଇ ଆସି ଜଗମୋହନ ସ୍ଥିତ ଚଉଦୋଳରେ ଉପବେଶନ କରନ୍ତି । ଏଠାରେ ତାଙ୍କୁ ପାଟପତନୀ ଲାଗି ପରେ ଚୂଳ ଲାଗି କରାଯାଏ । ଏଥି ଉତ୍ତାରେ ଚଉଦୋଳକୁ ଝୁଲଣ ମଣ୍ଡପ ତଳକୁ ନିଆଯାଇ ଠାକୁରଙ୍କୁ ଅଳଂକାର ଲାଗି କରାଯିବା ପରେ ବଡ଼ଦେଉଳକୁ ଥରେ ପ୍ରଦକ୍ଷିଣ କରିସାରି ଘଣ୍ଟ, ଛତା, କାହାଳୀ ସହ ବଡ଼ଦାଣ୍ଡ ବାଟେ ବାହାରି ଉଗ୍ରସେନାଦି ଆଶ୍ରମମାନଙ୍କରେ ବିଶ୍ରାମ ପୂର୍ବକ ଭୋଗ ବନ୍ଦାପନାଦି ବଢ଼ିବା ପରେ ପଶ୍ଚିମ ଦ୍ୱାର ଚକଡ଼ାରେ ବିଜେ ହୁଅନ୍ତି । ଏଠାରେ ପ୍ରସାଦଲାଗି ଓ ବନ୍ଦାପନାଦି ଅନୁଷ୍ଠିତ ହେବାପରେ ଚଉଦୋଳ ସହ ଶ୍ରୀସୁଦର୍ଶନ ଦେବଙ୍କୁ ଜୟ ବିଜୟ ଦ୍ୱାର ନିକଟକୁ ନିଆଯାଇଥାଏ । ଏଠାରେ ରୁନ୍ଧା ଫିଟାଯିବା ପରେ ଶ୍ରୀସୁଦର୍ଶନ ଦେବ ସିଂହାସନକୁ ବିଜେ କରନ୍ତି । ଏହାପରେ ସିଂହାସନ ଧୌତହେବା ପରେ ଘରି ବାଡ଼ରେ ମହାସ୍ନାନ ବଢ଼େ । ତାହାପରେ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରୁ ସିଂହାସନକୁ ବିଜେ କରନ୍ତି ଏବଂ ସର୍ବାଙ୍ଗ ଓ ନୂଆଲୁଗା ଲାଗି ହୋଇ ବେଶ ବଢ଼ିଥାଏ । ସନ୍ଧ୍ୟା ଆଳତି ହୋଇ ସନ୍ଧ୍ୟାଧୂପ ପୂଜା ସରେ । ଏହି ଭୋଗରେ ଶ୍ରୀସୁଦର୍ଶନଙ୍କ ବାଡ଼ରେ ପ୍ରସାଦଲାଗି ଓ ବନ୍ଦାପନା ନୀତି ହୋଇଥାଏ । ସନ୍ଧ୍ୟାଧୂପ ସରି ପାଣି ପଡ଼ିଲେ ଦକ୍ଷିଣ ଘରୁ ଶ୍ରୀମଦନମୋହନ ସିଂହାସନକୁ ବିଜେ କରନ୍ତି । ପୂଜାପଣ୍ଡା ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଦେବା ପରେ ମହାଜନମାନେ ହାତରେ ଠାକୁର ଠାକୁରାଣୀଙ୍କୁ ଆଣି ସାତ ପାହାଚ ନିକଟରେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡ଼ୁମାନେ ପାଲିଙ୍କି ନେଇ ଲକ୍ଷ୍ମୀଙ୍କ ମନ୍ଦିରକୁ ଯାଆନ୍ତି । ସେଠାର ଜଗମୋହନରେ ପଡ଼ିଥିବା ଖଟ ଉପରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ବିଜେ କଲାପରେ ମହାପ୍ରଭୁଙ୍କ ପ୍ରତିନିଧି ମୁଦିରସ୍ତ ଓ ଶ୍ରୀଦେବୀଙ୍କ ପ୍ରତିନିଧି ଭିତରଚ୍ଛ ମହାପାତ୍ର ଉଭୟ ହିଙ୍ଗୁଡ଼ି କଉଡ଼ି-୨୧, ରୁପା କଉଡ଼ି-୨୧, ପଶା ଓ ଶକଟା ଖେଳ ଖେଳିଥାନ୍ତି । ଉକ୍ତ ଖେଳମାନ ସରିଲେ ଶୀତଳ ମଣୋହି ବଢ଼ିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ଓ ଶ୍ରୀମଦନମୋହନ ଦକ୍ଷିଣି ଘରକୁ ବାହୁଡ଼ି ଯାଇଥାନ୍ତି । ଏହାକୁ ବାହାର କୁମାରୋତ୍ସବ କୁହାଯାଏ । ଏହି ଦିନ ମହାପ୍ରଭୁଙ୍କର ଚନ୍ଦନଲାଗି ଓ ବଡ଼ସିଂହାର ବେଶ ପରେ ବଡ଼ସିଂହାର ଭୋଗ ବଢ଼ି ପାଣି ପଡ଼ିବା ଉତ୍ତାରେ ଫଳ ସାମଗ୍ରୀରେ ପନ୍ତିଭୋଗ ଅନୁଷ୍ଠିତ ହୋଇଥାଏ । ଏହାପରେ ତିନିଜଣ ପାଳିଆ ଯଥା- ପୂଜାପଣ୍ଡା, ମୁଦିରସ୍ତ ଓ ପତିମହାପାତ୍ର ସିଂହାସନ ତଳେ ଜୁଆ, ଶକଟା, ପଶା ଓ କଉଡ଼ି ଖେଳିଥାନ୍ତି । ସିଂହାସନ ତଳେ ଖେଳ ସରିବା ପରେ ସିଂହାସନ ଉପରେ ମଧ ଏହି ଖେଳମାନ ଅନୁଷ୍ଠିତ ହୋଇଥାଏ । ଏହି ଖେଳରେ ଶ୍ରୀଦେବୀଙ୍କ ଠାରୁ ମହାପ୍ରଭୁ ହାରିଯାଇଥିବାରୁ ଶ୍ରୀମାଧବ ଆଜ୍ଞାମାଳ ପାଇ ମହାଜନଙ୍କ ହାତରେ ବିଜେ ହୋଇ ମହାଲକ୍ଷ୍ମୀଙ୍କ ମନ୍ଦିରରେ ସାତଦିନ ପର୍ଯ୍ୟନ୍ତ ବନ୍ଧା ରହନ୍ତି । ଅଷ୍ଟମ ଦିନ ମହାପ୍ରଭୁଙ୍କର ଅବକାଶ ପୂଜା ଠା' ସମୟକୁ ଶ୍ରୀମାଧବ ବନ୍ଧାରୁ ଫିଟି ମହାଲକ୍ଷ୍ମୀ ମନ୍ଦିରରୁ ରତ୍ନ ସିଂହାସନକୁ ବିଜେ କରିଥାଆନ୍ତି । ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଦିନ ଅନୁଷ୍ଠିତ ଜଗତର ମାତା ଓ ପିତା ଶ୍ରୀଦେବୀ ଓ ମଦନମୋହନଙ୍କର ଆନନ୍ଦ ମୁଖରିତ ଏହି ଅକ୍ଷକ୍ରୀଡ଼ା ଉତ୍ସବକୁ ଯେଉଁମାନେ ଆନନ୍ଦ ଓ ଭକ୍ତିର ସହିତ ଦର୍ଶନ କରନ୍ତି ସେମାନେ ସକଳ ସୁଖ ଭୋଗ କରିବା ସହିତ ଅନ୍ତକାଳରେ ବୈକୁଣ୍ଠ ଲୋକରେ ବାସ କରିଥାନ୍ତି ।

ନୀଳାଦ୍ରିନାଥସ୍ୟ ଗୃହେ ତୁ ଯେ ବୈ ପଶ୍ୟନ୍ତି ନାନାବିଧକୌତୁକାନି ।<br>
ସର୍ବେଽପି ତେ ବୈ ସକଳାର୍ଥସୌଖ୍ୟଂ ଭୁକ୍ତ୍ୱାଽପି ଗଚ୍ଛନ୍ତି ପଦଂ ମୁରାରେଃ ॥

(ବା.ସଂ. ୨୬/୫୩)

(କ୍ରମଶଃ...)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
*ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଚୁଡ଼ଙ୍ଗଦେବ ଡାଟ' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମନ୍ଦିରର ପ୍ରମୁଖ ନିର୍ମାତା ଚୋଡ଼ଗଙ୍ଗଦେବଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥଙ୍କୁ ଲାଗି ହେଉଥିବା ଡାଟ ।

୨. ପ୍ର - ଶ୍ରୀମନ୍ଦିରର ସେବକ ପରମ୍ପରାରେ 'ଚୂନରା ସେବକ'ଙ୍କ ଭୂମିକା କ'ଣ ?
ଉ - ଶ୍ରୀମନ୍ଦିରରେ ଧ୍ୱଜା ବାନ୍ଧିବା ଓ ଗରୁଡ଼ଙ୍କ ସେବା କରୁଥିବା ସେବକ । ଠାକୁରଙ୍କ ଅବକାଶ ନୀତି ବଢ଼ିଲା ପରେ ବିମଳାଙ୍କ କୂଅରୁ ପାଣି ଆଣି ଗରୁଡ଼ଙ୍କୁ ସ୍ନାନ କରାନ୍ତି । ପୂର୍ବେ ମନ୍ଦିରରେ ଚୂନ ଲଗାଉଥିଲେ ବୋଲି ଚୂନରା ଭାବେ ପରିଚିତ । ଏକାଦଶୀରେ ଦେଉଳ ଶିଖରରେ ମହାଦୀପ ଉଠାଇବା, ନୀଳଚକ୍ରରେ ଧ୍ୱଜା ବାନ୍ଧିବା, ମକର ସଂକ୍ରାନ୍ତି ଦିନ ଚୂନ ଓ ଗେରୁ ଲଗାଇବା, କନକମୁଣ୍ଡି ଉପରେ, ସିଂହାସନ ଉପରେ, ଅଣସର ସମୟରେ ପନ୍ତି ଉପରେ, ଅଣସର ପିଣ୍ଡି ଉପରେ, ଦକ୍ଷିଣି ଘରେ ସ୍ନାନବେଦୀ ଓ ଗୁଣ୍ଡିଚା ଘରେ ଚାନ୍ଦୁଆ ବାନ୍ଧିବା ଓ ଦେବ ଦୀପାବଳୀରେ ତିନି ଦିନ ଦେଉଳରେ ଦୀପ ଜାଳିବା ଏହାଙ୍କ କାର୍ଯ୍ୟ ।

୩. ପ୍ର - ଶ୍ରୀମନ୍ଦିର ପରିସରରେ 'ଚୂନାକୁଟା ଘର' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ଶ୍ରୀବିଗ୍ରହଙ୍କ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତି ପାଇଁ ମୁରୁଜ ପ୍ରସ୍ତୁତ ନିମନ୍ତେ ବାହାରେ ଥିବା ଦୁଇ ବଖୁରିଆ ଘର । ଏଠାରେ ରାଜାଙ୍କ ତରଫରୁ ମଜୁରୀ ଦିଆଯାଇ ଚୂନା କୁଟାଯାଏ । ଗୋଦାମରୁ ଚାଉଳ ଅଣାଯାଇ ଆବଶ୍ୟକ ଅନୁପାତରେ ଏଠାରେ ଚୂନା କୁଟାଯାଏ । ପ୍ରତ୍ୟହ ମୁରୁଜ ସକାଶେ ଅଧ ସେର ଚୂନା ଓ ଆଳତି ସକାଶେ ଅଟାବଟା ପ୍ରସ୍ତୁତ ହୋଇ ସୁଆରବଡୁଙ୍କ ଦ୍ୱାରା ଠାକୁରଙ୍କ ପୂଜା ନୀତିରେ ଲାଗେ ।

୪. ପ୍ର- ଶ୍ରୀମନ୍ଦିରରେ 'ଚୂନାମୁଣ୍ଡି ସମର୍ଥା'ଙ୍କ ଭୂମିକା କ'ଣ ?
ଉ- ଏମାନେ ଚାଉଳ ଚୂନା ଓ ଅଟା ଯୋଗନ୍ତି ଓ ଭୋଗ ପ୍ରସ୍ତୁତି ସ୍ଥାନକୁ ମଧ ବୋହି ନିଅନ୍ତି ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ

ଶାସ୍ତ୍ର ଅନୁସାରେ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ପ୍ରଦୋଷ କାଳରେ ଦେବ ଦେବ ମହାଦେବ ଏବଂ ଦେବୀ ପାର୍ବତୀଙ୍କର ଶୁଭ ବିବାହ ଉତ୍ସବ ଅନୁଷ୍ଠିତ ହେବା ପରେ ତା'ପରଦିନ ଶୀତଳ ଷଷ୍ଠୀ ବା ଆରଣ୍ୟକ ଷଷ୍ଠୀ ବ୍ରତ ପାଳନୀୟ । 'କୃତ୍ୟକୌମୁଦୀ' ଗ୍ରନ୍ଥରେ ଉଲ୍ଲେଖ ଅଛି-

'ଜ୍ୟେଷ୍ଠେ ମାସି ସିତେ ପକ୍ଷେ ଷଷ୍ଠୀ ଚ୍ଚରଣ୍ୟସଂଜ୍ଞକା ।
ତାଂ ବିନ୍ଧ୍ୟବାସିନୀଂ ଦେବୀଂ ପୂଜୟେୟୁଃ ବନେଗତା ॥
କନ୍ଦମୂଳ ଫଳାହାରାଃ ଲଭନ୍ତେ ସନ୍ତତିଂ ଶୁଭାମ୍ ॥'



ଯେଉଁଥିରେ ଗୃହିଣୀମାନେ ବନକୁ ଯାଇ କନ୍ଦମୂଳ ଫଳାଦି ଆହାର ପୂର୍ବକ ଦେବୀ ବିନ୍ଧ୍ୟବାସିନୀଙ୍କର ପୂଜନ କଲେ ସନ୍ତାନ ସନ୍ତତି ପ୍ରାପ୍ତି ହେବାର ଉଲ୍ଲେଖ ଅଛି । ପରମପାବନ ପୁରୁଷୋତ୍ତମ କ୍ଷେତ୍ର ବିଷ୍ଣୁକ୍ଷେତ୍ର ହେଲେ ମଧ୍ୟ ବହୁ ପ୍ରାଚୀନ କାଳରୁ ଏଠାରେ ଶିବ ଉପାସନା ଗୁରୁତ୍ୱ ଲାଭ କରିଛି । ସ୍କନ୍ଦ ପୁରାଣ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ମହର୍ଷି ମାର୍କଣ୍ଡେୟଙ୍କୁ ଶ୍ରୀଭଗବାନ କହିଥିଲେ- 'ମୁଁ ତୁମ୍ଭ ନିମିତ୍ତ ଏକ ନିତ୍ୟ ତୀର୍ଥ ରଚନା କରିବି, ତାର ତୀର ଭାଗରେ ତପସ୍ୟା କରି ମୋର ଦ୍ୱିତୀୟ ତନୁ ଯେ ଶିବ ତାହାଙ୍କୁ ଆରାଧନା କଲେ ନିଶ୍ଚୟ ମୃତ୍ୟୁକୁ ଜୟ କରିବ । 'ଯତ୍ତୀରେ ତପ ଆସ୍ଥାୟ ମଦ୍ୱିତୀୟତନୁଂ ଶିବଂ । ଆରାଧ୍ୟ ମଦନୁ କ୍ରୋଶାନ୍ମୃତ୍ୟୁଂ ଜେଷ୍ୟସି ନିଶ୍ଚିତମ୍ ।' (ପୁ.କ୍ଷେ.ମା ୩/୪୨) ଶୈବ ଏବଂ ବୈଷ୍ଣବଙ୍କର ସମନ୍ୱୟ କ୍ଷେତ୍ର ହିସାବରେ ଶ୍ରୀକ୍ଷେତ୍ର ମହିମାନ୍ୱିତ । ଏହି କ୍ଷେତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ ଶ୍ରୀଲୋକନାଥ ଏବଂ ଶ୍ରୀଯମେଶ୍ୱର ହିସାବ ରକ୍ଷକ ଅଟନ୍ତି । ଶ୍ରୀକ୍ଷେତ୍ରରେ ଦୀପାବଳୀ ଅମାବାସ୍ୟା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ମଧ୍ୟରେ ପ୍ରତ୍ୟେକ ସୋମବାରେ ବଡ଼ ଠାକୁରଙ୍କ ହରିହର ବେଶ ଅନୁଷ୍ଠିତ ହୁଏ । ଶ୍ରୀମନ୍ଦିର ମଧ୍ୟରେ ଶ୍ରୀକ୍ଷେତ୍ରପାଳ ମହାଦେବ ବିରାଜମାନ କରନ୍ତି । ଚନ୍ଦନଯାତ୍ରା ଅବସରରେ ଶ୍ରୀଜଗନ୍ନାଥଙ୍କର ପ୍ରତିନିଧି ରାମ, କୃଷ୍ଣଙ୍କସହ ଶ୍ରୀକ୍ଷେତ୍ରରେ ପଞ୍ଚପାଣ୍ଡବ ନାମରେ ବିଖ୍ୟାତ ପାଞ୍ଚମହାଦେବ ବଡ଼ଚ୍ଛପରେ ବିଜେ କରି ଜଳକ୍ରୀଡ଼ା କରନ୍ତି । ଶ୍ରୀଯମେଶ୍ୱର-ଯୁଧିଷ୍ଠିର, ଶ୍ରୀଲୋକନାଥ-ଭୀମ, ଶ୍ରୀମାର୍କଣ୍ଡେଶ୍ୱର-ମଧ୍ୟମପାଣ୍ଡବ ଅର୍ଜୁନ, ଶ୍ରୀକପାଳମୋଚନ-ନକୁଳ ଓ ଶ୍ରୀନୀଳକଣ୍ଠ- ସହଦେବ ରୂପେ ଅଭିହିତ ହୁଅନ୍ତି । ଶ୍ରୀଯମେଶ୍ୱର ହରିହରାତ୍ମକ ହୋଇଥିଲା ବେଳେ ଅନ୍ୟମାନେ ଚନ୍ଦ୍ରଶେଖର ମୂର୍ତ୍ତି ଅଟନ୍ତି । ଶ୍ରୀକ୍ଷେତ୍ରରେ ପଞ୍ଚମହାଦେବ, ବାଟଲୋକନାଥ, ଆଖଣ୍ଡଳମଣି ଆଦି ମହାଦେବଙ୍କର ତଥା ବିଭିନ୍ନ ସାହିରେ ବିରାଜିତ ଶ୍ରୀବାନାମ୍ବର ଦେବଙ୍କର ବିବାହ ଓ ରୋଷଣୀ ସ୍ୱକୀୟ ପୀଠମାନଙ୍କରେ ସାଡମ୍ବର ଅନୁଷ୍ଠିତ ହୁଏ । ଶ୍ରୀବାନାମ୍ବର କର୍ଣ୍ଣ ରୂପେ ଅଭିହିତ ହୁଅନ୍ତି ।

ପଞ୍ଚମହାଦେବଙ୍କ ଗୁଆଲି ଉତ୍ସବ ଅବସରରେ ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ତିଥିରେ ସନ୍ଧ୍ୟା ଧୂପ ନୀତି ଶେଷ ହେବା ପରେ ଶ୍ରୀଦୋଳଗୋବିନ୍ଦ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଖଟଶେଯ ଘରେ ବିଜେ ହୁଅନ୍ତି । ଏହାପରେ ରତ୍ନସିଂହାସନସ୍ଥ ଶ୍ରୀବିଗ୍ରହମାନଙ୍କର ମଇଲମ ହୋଇ ଆଲଟ ଲାଗି, ପଣାଭୋଗ, ଚନ୍ଦନଲାଗି ଓ ବଡ଼ସିଂହାର ଭୋଗ ହୋଇଥାଏ । ଇତି ମଧ୍ୟରେ ମହାଜନ ସେବକମାନେ ହସ୍ତରେ ପଞ୍ଚମହାଦେବଙ୍କୁ ଜଗମୋହନସ୍ଥିତ ଖଟଶେଯ ଉପରେ ବିଜେ କରିଥାଆନ୍ତି । ପୂଜାପଣ୍ଡା ସେବକଙ୍କ ଦ୍ୱାରା ଶ୍ରୀଅଙ୍ଗରୁ ଆନୀତ ଆଜ୍ଞାମାଳ ଲାଗି ହେବା ପରେ ପଞ୍ଚମହାଦେବ ଲକ୍ଷ୍ମୀମନ୍ଦିର ଜଗମୋହନରେ ସ୍ଥିତ ଖଟଶେଯ ଉପରେ ବିଜେ ହୁଅନ୍ତି । ସେ ସମୟରେ ମହାଜନ ସେବକମାନେ ଶ୍ରୀଦୋଳଗୋବିନ୍ଦଙ୍କୁ ଘଣ୍ଟ, ଛତା ଓ କାହାଳୀ ସହ ବିଜେ କରାଇ ଲକ୍ଷ୍ମୀ ମନ୍ଦିର ଜଗମୋହନରେ ବିରାଜିତ ପଞ୍ଚମହାଦେବଙ୍କ ସମ୍ମୁଖରେ ଅଧିଷ୍ଠିତ କରନ୍ତି । ଏହାପରେ ବିଜେ ପ୍ରତିମାମାନଙ୍କ ଉଦ୍ଦେଶ୍ୟରେ ଶୀତଳଭୋଗ ଓ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦ ଲାଗି ହୋଇଥାଏ । ପୂଜାପଣ୍ଡା ସେବକ ପଞ୍ଚୋପଚ୍ଚର ବିଧିରେ ଏଗାରଟି ପନ୍ତିଭୋଗ କରିଥାଆନ୍ତି । ଏହିପରି ଶୀତଳଷଷ୍ଠୀ ନୀତି ଅନୁଷ୍ଠିତ ହେବା ପରେ ଶ୍ରୀଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରନ୍ତି ।

ସପ୍ତମୀ ଦିନ ଶ୍ରୀମନ୍ଦିରରେ ବଲ୍ଲଭ ନୀତି ଶେଷ ହେବାପରେ ସପତ୍ନୀକ ପଞ୍ଚମହାଦେବ ଶ୍ରୀମନ୍ଦିରରୁ ସ୍ୱସ୍ୱ ବିମାନରେ ବିଜେ ହୋଇ ନଗର ପରିକ୍ରମା କରିଥାଆନ୍ତି । ନଗର ଭ୍ରମଣ ନିମିତ୍ତ ଶ୍ରୀଯମେଶ୍ୱରଙ୍କର ରଥାକାର ବିମାନ ଥିବାବେଳେ ଅନ୍ୟ ଚ୍ଚରି ମହାଦେବଙ୍କର ବାହନ ବୃଷଭ ଲକ୍ଷ୍ମୀମନ୍ଦିର ସମ୍ମୁଖରେ ଅପେକ୍ଷା କରିଥାଆନ୍ତି । ପଞ୍ଚମହାଦେବ ନଗର ଭ୍ରମଣ ସମୟରେ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଅନୁଷ୍ଠାନ ଏବଂ ଭକ୍ତମାନଙ୍କର ଦ୍ୱାରା ଆୟୋଜିତ ପନ୍ତିଭୋଗ ପ୍ରପାଣକାଦି ଗ୍ରହଣ କରିଥାଆନ୍ତି । ସେମାନଙ୍କର ରୋଷଣୀ ଆଡ଼ମ୍ବର ପୂର୍ଣ୍ଣ ହୋଇଥାଏ ।

ପ୍ରକାଶ ଥାଉ କି ଶ୍ରୀକ୍ଷେତ୍ରରେ ଶୀତଳ ଷଷ୍ଠୀରେ ପଞ୍ଚମହାଦେବଙ୍କୁ ଶ୍ରୀଜଗନ୍ନାଥଙ୍କ ତରଫରୁ ଆତିଥେୟତା ପ୍ରଦାନ କଲାଭଳି ଚମ୍ପକଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କର ଗୁଆଲି ଉତ୍ସବ ଅବସରରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀଙ୍କର ପଞ୍ଚଗ୍ରାସୀ ଓ ବନ୍ଦାପନାଦି ଶ୍ରୀଯମେଶ୍ୱର ମହାଦେବଙ୍କ ତରଫରୁ ଆୟୋଜିତ ହୋଇଥାଏ ।

*ଡକ୍ଟର ଶ୍ରୀନିବାସ ଆଚ୍ଚର୍ଯ୍ୟ*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

## ମଇ ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୧.୫.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ମୋହିନୀ (ଶମ୍ଭୁ) ଏକାଦଶୀ |
| ତା ୪.୫.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ନୃସିଂହ ଜନ୍ମ |
| ତା ୧୨.୫.୨୩ ରିଖ ଶୁକ୍ରବାର | ଶ୍ରୀକ୍ଷେତ୍ରରେ ଭଉଁରୀ ଯାତ୍ରା |
| ତା ୧୫.୫.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା (ଶମ୍ଭୁ) ଏକାଦଶୀ |
| ତା ୧୯.୫.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା |
| ତା ୨୫.୫.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଶୀତଳ ଷଷ୍ଠୀ ଓ ଜଳକ୍ରୀଡ଼ା |
| ତା ୩୦.୫.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ |
| ତା ୩୧.୫.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଏକାଦଶୀ ଓ ଜଳକ୍ରୀଡ଼ା |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

*Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100*
E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri
ମୂଲ୍ୟ : ଦୁଇଟଙ୍କା ମାତ୍ର